## ରାଷ୍ଟ୍ରପତି ଭବନରେ ସାହିତ୍ୟ ଏକାଡେମୀର ସାହିତ୍ୟ ସମ୍ମିଳନୀ

# ଆଜିର ସାହିତ୍ୟ ଉପଦେଶମୂଳକ ହୋଇପାରୁନି: ରାଷ୍ଟ୍ରପତି

ଭୁବନେଶ୍ୱର/ନୂଆଦିଲ୍ଲୀ,୨୯।୫(ବ୍ୟୁରୋ/ସ୍ୱପ୍ର): କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ?' ଶୀର୍ଷକ ଦୁଇ ଦିନିଆ ସାହିତ୍ୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏହି ସାହିତ୍ୟ ସମ୍ମିଳନୀକୁ ରାଷ୍ଟ୍ରପତି ଦ୍ରୌପଦୀ

**ସାଂସ୍କୃତିକ ପୁନରୁଦ୍ଧାର ଯାତ୍ରାରେ ସାହିତ୍ୟିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: କେନ୍ଦ୍ର ସଂସ୍କୃତି ମନ୍ତ୍ରୀ**

ମୁର୍ମୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି କହିଥିଲେ, ମୁଁ ବିଶ୍ୱାସ କରେ ଯେ, ସବୁ ଭାଷାରେ ଲିଖିତ ସାହିତ୍ୟ ମୋର ସାହିତ୍ୟ। ଗୋପବନ୍ଧୁ ଦାସ, ରବୀନ୍ଦ୍ରନାଥ ଠାକୁର, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ପ୍ରତିଭା ରାୟ ପ୍ରମୁଖ ସାହିତ୍ୟିକଙ୍କ ଦୃଷ୍ଟାନ୍ତ ଦେଇ ସେ




କହିଥିଲେ ଯେ, ଆଜିର ସାହିତ୍ୟ ଉପଦେଶମୂଳକ ହୋଇପାରୁନି। କିନ୍ତୁ ସ୍ଥାୟୀ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ହେଉଛି କାଳଜୟୀ ସାହିତ୍ୟର ପରିଚୟ। ପିଲାବେଳେ 'ରେବତୀ' ଗଳ୍ପ ପଢ଼ିଥିଲି। ଏହି ଗଳ୍ପ ମୋ ମନରେ ଅପୂର୍ବ ପ୍ରେରଣା ସୃଷ୍ଟି କରିଥିଲା ବୋଲି ରାଷ୍ଟ୍ରପତି କହିଥିଲେ। ବିଶିଷ୍ଟ ଅତିଥି କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ କହିଥିଲେ, ଆମ ଦେଶ ସାଂସ୍କୃତିକ ପୁନରୁଦ୍ଧାରର ଏକ ପର୍ଯ୍ୟାୟ ଦେଇ ଗତି କରୁଛି। ଏଥିରେ ସାହିତ୍ୟିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସଂସ୍କୃତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଏବଂ ଅର୍ଥ ପରାମର୍ଶଦାତା ରଞ୍ଜନା ଚୋପ୍ରା କହିଥିଲେ, ଏହି ସମ୍ମିଳନୀ ସାହିତ୍ୟରେ ପରିବର୍ତ୍ତନ ପ୍ରତି ଆମର ଦୃଷ୍ଟିକୋଣକୁ ଆହୁରି ବ୍ୟାପକ କରିବ। ସ୍ୱାଗତ ଭାଷଣ ପରେ ସାହିତ୍ୟ ଏକାଡେମୀର ଅଧ୍ୟକ୍ଷ ମାଧବ କୌଶିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶେଖାୱତଙ୍କୁ ଅଙ୍ଗବସ୍ତ୍ର ଏବଂ ଏକ ପୁସ୍ତକ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ, 'ସିଧା ଦିଲ୍ ସେ: କବି ସମ୍ମିଳନୀ' ଆୟୋଜନ ହୋଇଥିଲା। ଅଧ୍ୟକ୍ଷତା କରିଥିଲେ ପ୍ରସିଦ୍ଧ ଉର୍ଦ୍ଦୁ କବି ଶୀନ କାଫ୍ ନିଜାମ। ସାହିତ୍ୟ ଏକାଡେମୀର ଅଧ୍ୟକ୍ଷ ମାଧବ କୌଶିକ ବିଶିଷ୍ଟ ଅତିଥି ଥିଲେ। ଅଧିବେଶନ ଆରମ୍ଭରେ ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ବିଭିନ୍ନ ଭାଷାର କବିମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଅଧିବେଶନ ପରିଚାଳନା କରିଥିଲେ ଅଳକା ସିହ୍ନା। ଆସନ୍ତାକାଲି 'ଭାରତର ନାରୀବାଦୀ ସାହିତ୍ୟ: ନୂତନ ଅଧ୍ୟାୟର ସନ୍ଧାନରେ', 'ସାହିତ୍ୟରେ ପରିବର୍ତ୍ତନ ବନାମ ପରିବର୍ତ୍ତନର ସାହିତ୍ୟ' ଏବଂ 'ବିଶ୍ୱ ପରିପ୍ରେକ୍ଷୀରେ ଭାରତୀୟ ସାହିତ୍ୟର ନୂତନ ଦିଗଦର୍ଶନ' ଶୀର୍ଷକ ୩ଟି ଅଧିବେଶନରେ ବିଶିଷ୍ଟ ଭାରତୀୟ ଲେଖକ ଏବଂ ବିଦ୍ୱାନମାନେ ଆଲୋଚନା କରିବେ। ଦେବୀ ଅହଲ୍ୟାବାଇ ହୋଲକରଙ୍କ ୩୦୦ ତମ ଜନ୍ମବାର୍ଷିକୀ ଅବସରରେ ହିମାଂଶୁ ବାଜପେୟୀ ଏବଂ ପ୍ରଜ୍ଞା ଶର୍ମାଙ୍କ ଦ୍ୱାରା ଅହଲ୍ୟାବାଇ ଗାଥା ପରିବେଷଣ କରାଯିବ।